## ବାର୍ହା ମାଂସ ଜବତ, ଶିକାରୀ ଗିରଫ

ଭଞ୍ଜନଗର, (ଡି.ଏନ୍.ଏ.): ଭଞ୍ଜନଗର କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରାଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଚାବଡ଼ାପଲ୍ଲୀ ଗ୍ରାମରେ ବନ କର୍ମଚାରୀ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ଏସ୍.ପବନ। ତାଙ୍କ ଠାରୁ ୨୪ କେଜି ବାର୍ହା ମାଂସ ଜବତ କରାଯାଇଛି ।

## ସଂକ୍ଷେପରେ

### ରୁଖିଆ ପାହାଡ଼ରେ ଅଗ୍ନିକାଣ୍ଡ

ଆସିକା,୧୭।୩(ଡି.ଏନ୍.ଏ): ଆସିକା ବ୍ଲକର ଗୁଣ୍ଡପଡା ଗ୍ରାମ ସଂଲଗ୍ନ ରୁଖିଆ ପାହାଡରେ ବୁଧବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ସାମାଜିକ ବନପ୍ରକଳ୍ପ ଅଧୀନରେ ଏହି ପାହାଡରେ ରୋପଣ ହୋଇଥିବା ବହୁ ବୃକ୍ଷ ଅଗ୍ନିକାଣ୍ଡରେ ଜଳିଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କୁ ପଚାରିବାରେ ଏହି ପାହାଡ ରାଜସ୍ୱ ବିଭାଗ ଅଧୀନରେ ରହିଛି। ତେବେ ଘଟଣା ସମ୍ପର୍କରେ ବନ୍ୟ ବିଭାଗ ଦୃଷ୍ଟିକୁ ଆସିବା ପରେ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିବା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁ କହିଛନ୍ତି।

### ଗଞ୍ଜାମରେ ଝାମି ଯାତ୍ରା ଆରମ୍ଭ

ଗଞ୍ଜାମ,୧୭।୩(ଡି.ଏନ.ଏ.)-ତେଲୁଗୁ ସମ୍ପ୍ରଦାୟର ଆରାଧ୍ୟା ଦେବୀ ମା' ଏଲଏମ୍ମାଙ୍କ ଝାମି ଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି। ଗଞ୍ଜାମ ୧୬ ନଂ. ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମା'ଙ୍କ ମନ୍ଦିରରେ ପ୍ରତିବର୍ଷ ଏହି ଯାତ୍ରାକୁ ସ୍ଥାନୀୟ ଅଞ୍ଚଳର ତ୍ରିନାଥ ଜେନା, ଜିତେନ୍ଦ୍ର ଜେନା, ସୁବାସ୍ ଜେନା, ସନ୍ତୋଷ ଜେନାଙ୍କ ପରିବାର ପରିଚାଳନା କରିଆସୁଛନ୍ତି। ଏବେ ମା'ଙ୍କ ଘଟ ସହର ପରିକ୍ରମା କରୁଛି। ଆସନ୍ତା ୨୩ ତାରିଖରେ ମାନସିକଧାରୀ ମାନେ ନିଆଁରେ ଚାଲିବେ ଜେନା ପରିବାର ପକ୍ଷରୁ କୁହାଯାଇଛି। ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବାରୁ ଗଞ୍ଜାମ ଥାନା ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ ହୋଇଥାନ୍ତି।

### ଛାତ୍ରୀଙ୍କୁ କମେଣ୍ଟ ଘଟଣା ଅଭିଯୁକ୍ତ ଗିରଫ

ବୁଗୁଡ଼ା,୧୭।୩(ଡି.ଏନ.ଏ.)-ବୁଗୁଡ଼ା ଥାନା ନିକଟସ୍ଥ ଖଦାଳ ସାହି ଛକରେ ଜଣେ ଛାତ୍ରୀଙ୍କୁ କମେଣ୍ଟ ମାରିବା ସହ ତାଙ୍କ ଦାଦାଙ୍କୁ ମାଡ଼ ମାରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବୁଗୁଡ଼ା ଖଦାଳ ସାହିର ଭକ୍ତ ନାୟକ। ପ୍ରକାଶ ଯେ, ଛାତ୍ରୀ ଜଣକ ସୋମବାର ରାତିରେ ଟ୍ୟୁଶନରୁ ଫେରିବା ବେଳେ ଭକ୍ତ ତାଙ୍କୁ ବିଭିନ୍ନ କମେଣ୍ଟ ମାରିଥିଲେ। ଏ ନେଇ ଛାତ୍ରୀ ନିଜ ଦାଦାଙ୍କୁ କହିଥିଲେ। ଏ ସମ୍ପର୍କରେ ଦାଦା ଭକ୍ତଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଭକ୍ତ ରାଗିଯାଇ ଛାତ୍ରୀଙ୍କ ଦାଦାଙ୍କୁ ପଥର ମାଡ଼ କରିଥିଲେ। ଏ ନେଇ ବୁଗୁଡ଼ା ଥାନାରେ ନଂ. ୧୧୩/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ଅନ୍ଧାରର ସୁଯୋଗ ନେବା ପାଇଁ କିଛି ସ୍ଥାନରେ ଷ୍ଟ୍ରିଟ ଲାଇଟକୁ ଏହି ରୋମିଓମାନେ ପଥର ମାରି ଭାଙ୍ଗୁଥିବା ଅଭିଯୋଗ ହେଉଛି। ଏ ଦିଗରେ ପୋଲିସ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି।

### ବାଲ ବ୍ରହ୍ମଚାରୀ ପ୍ରବୀଣାନନ୍ଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ପାତ୍ରପୁର,୧୭।୩(ଡି.ଏନ.ଏ.)- ପାତ୍ରପୁରସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବାଲ୍ ବ୍ରହ୍ମଚାରୀ ସ୍ୱାମୀ ପ୍ରବୀଣାନନ୍ଦ ମହାରାଜଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାତ୍ରପୁର ବିଇଓ ଲୋକନାଥ ପାଢ଼ୀ, ବରିଷ୍ଠ ଶିକ୍ଷକ କୃତିବାସ ପ୍ରଧାନ, ଦଣ୍ଡାସି ବେହେରା, ଗୌରଚନ୍ଦ୍ର ନାୟକ, ବିଜୟ କୁମାର ନାୟକ, ଅର୍ଚ୍ଚନା ମହାନ୍ତି, ସିଏଚ୍ ଧନଲକ୍ଷ୍ମୀ ଆଚାରୀ ଏବଂ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ସିଏଚ୍ ଆନନ୍ଦ ରାଓ ଆଚାରୀଙ୍କ ଦ୍ୱାରା ପୂଜା ଏବଂ ହୋମ ହୋଇଥିଲା ବେଳେ ଜିଲୁଣ୍ଡା ନାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଆଶ୍ରମ ମଧ୍ୟରେ ଅବସ୍ଥିତ ସମାଧି ନିକଟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା।

### ମୋ ସ୍କୁଲ ଅଭିଯାନ

ଦିଗପହଣ୍ଡି,୧୭।୩(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ ମଦନମୋହନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ଦେବୀଙ୍କ ସଭାପତିତ୍ୱରେ ମଙ୍ଗଳବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିପରି ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ଏବିଇଓ ବାଲା ମାଝୀ, ରସାନନ୍ଦ ଘଡ଼େଇ, ବିଶ୍ୱବା ପାଇକ, ବ୍ଲକ ସରପଞ୍ଚ ସଂଘ ସଭାପତି ହରିବନ୍ଧୁ ରେଡ୍ଡୀ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଉନ୍ନତୀକରଣ ପାଇଁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଶିବରାମ ପ୍ରଧାନ ସଂଯୋଜନା କରିଥିବା ବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ଦୀନବନ୍ଧୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କୋଭିଡ୍ ଗାଇଡ୍‌ଲାଇନ ପାଳନ ନିର୍ଦ୍ଦେଶ

- ଗଞ୍ଜାମରେ ସମ୍ଭାବ୍ୟ ସଂକ୍ରମଣ ବୃଦ୍ଧି ନେଇ ସତର୍କତା
- ଯାତ୍ରାକୁ ପ୍ରବାସୀ ନ ଆସିବାକୁ ଅନୁରୋଧ

ଛତ୍ରପୁର,୧୭।୩(ଡି.ଏନ.ଏ.)


ବୈଠକରେ ଉପସ୍ଥିତ ଜିଲ୍ଲାପାଳ ଓ ଅନ୍ୟମାନେ ।

ଗଞ୍ଜାମ ଜିଲାରେ ପୁଣି କରୋନା ସଂକ୍ରମଣ ବମବିବା ସମ୍ଭାବନା ରହିଥିବାରୁ ଜିଲାବାସୀଙ୍କୁ ସତର୍କ ରହିବାକୁ ହେବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଭିଡିଓ କନଫରେନ୍ସ ବୈଠକରେ ଅବଗତ ଜଣାଇଛନ୍ତି। ଜିଲାରେ ଆଗକୁ ଦୋଳଯାତ୍ରା, ତାରାତାରିଣୀଙ୍କ ଯାତ୍ରା ଓ ଦଣ୍ଡଯାତ୍ରା ଓ ବୁଢ଼ୀ ଠାକୁରାଣୀ ଯାତ୍ରା ହେବ। ଯାତ୍ରାରେ ଗହଳି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ସତର୍କତା ଅବଲମ୍ବନ ନ କଲେ କରୋନା ସଂକ୍ରମଣ ପୁଣି ବୃଦ୍ଧି ପାଇବ। ଅନ୍ୟପକ୍ଷରେ ସମସ୍ତ କାର୍ଯ୍ୟାଳୟରେ ପୂର୍ବଭଳି କୋଭିଡ୍ ନୀତି ନିୟମ ପାଳନ କରିବା ଆବଶ୍ୟକ ହୋଇପଡ଼ିଛି। ମାସ୍କ ପରିଧାନ, ସାନିଟାଇଜେଶନ, ସାମାଜିକ ଦୁରତ୍ୱ ଓ ହାତଧୂଆ ଭଳି ନିୟମ ସମସ୍ତ କର୍ଯ୍ୟାଳୟରେ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ଦୈନିକ ହଜାରେ ସଂଖ୍ୟାରୁ ଅଧିକ ଟେଷ୍ଟ କରାଯାଉଛି । ଗତ କିଛିଦିନ ମଧ୍ୟରେ ଜିଲଶରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ଶୂନ ରହିଥିଲା। ବର୍ତ୍ତମାନ ୧୧ ଜଣ ଆକ୍ରାନ୍ତ ଚିହ୍ନଟ କରାଯାଇ ସେମାନଙ୍କର ଚିକିତ୍ସା କରାଯାଉଛି। ଲକ୍ଷଣ ଥିବା ବ୍ୟକ୍ତି ଚିହ୍ନଟ ହେଲେ ସେମାନଙ୍କର କଣ୍ଟାକ୍ଟ ଟ୍ରେସିଂ କରାଯାଇ ହୋମ ଆଇସୋଲେଶନରେ ରଖାଯାଉଛି। ଜିଲାରେ ଯାତ୍ରା ପାଳନ କରିବାକୁ ପ୍ରବାସୀମାନେ ନ ଆସିବାକୁ ଅନୁରୋଧ କରାଯାଇଛି। କେବଳ ସ୍ଥାନୀୟ କଳାକାରଙ୍କୁ ନେଇ ଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିପାରିବେ ବୋଲି ଜିଲାପାଳ ପୁଣିଥରେ କହିଛନ୍ତି। ଦଣ୍ଡନାଚରେ ଭୋଜିଭାତ ହେବ ନାହିଁ। କେବଳ ଦଣ୍ଡୁଆମାନଙ୍କ ପ୍ରସାଦ ସେବନ ପାଇଁ ଅନୁମତି ଦିଆଯାଇଛି। ମ୍ୟୁଜିକ, ଡିଜେ, ଡ୍ୟାନ୍ସ ଆଦିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଯେଉଁମାନେ କୋଭିଡ ନିୟମ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିରଗୁଡିକରେ କୋଭିଡ ନିୟମ ଅନୁପାଳନ ହେଉ ନ ଥିବା ନଜରକୁ ଆସିଛି । କୋଭିଡ ନିୟମ ଅନୁପାଳନ କରା ନ ଯାଇ ଖୋଲାଯାଉଥିବା ମନ୍ଦିରଗୁଡିକ ଦୁଇ ଦିନ ସକାଶେ ବନ୍ଦ କରିଦିଆଯିବ । ପୁନର୍ବାର ମନ୍ଦିର ଖୋଲିବା ନିମନ୍ତେ ମନ୍ଦିର ପରିଚାଳନା କମିଟି ଠାରୁ ବୁଝାମଣା ପତ୍ର (ଅଣ୍ଡର ଟେକିଂ) ରଖି ମନ୍ଦିର ଖୋଲିବାକୁ ଅନୁମତି ଦିଆଯିବ। ବସ୍‌ରେ ଯାତ୍ରୀମାନେ ବିନା ମାସ୍କରେ ଯାତ୍ରା କଲେ ସଂପୃକ୍ତ ବସକୁ ଦାୟୀ କରାଯିବ । ଜିଲାସ୍ତରୀୟ, ଉପଖଣ୍ଡସ୍ତରୀୟ, ବ୍ଲକସ୍ତରୀୟ ବୈଠକ ଗୁଡିକରେ ଅଧିକାରୀ କିମ୍ବା କର୍ମଚାରୀ ବ୍ୟକ୍ତିଗତ ଭାବେ ଉପସ୍ଥିତ ନ ରହି ଭର୍ଚୁଆଲ କିମ୍ବା ଜୁମ ଦ୍ୱାରା ବୈଠକ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଜିଲା ଜରୁରୀକାଳୀନ ଅଧିକାରୀ ଦିବ୍ୟ ଲୋଚନ ମହନ୍ତ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉମାଶଙ୍କର ମିଶ୍ର, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ସଚିବ ସମ୍ବିତ ରାଉତ, ଜିଲା ସମାଜ ମଙ୍ଗଳ ଅଧିକାରୀ ପରିକ୍ଷୀତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ମେସେଜ୍ ନ ଆସି ଆକାଉଣ୍ଟରୁ ୪୦ ହଜାର ଗାଏବ

- ବଢୁଛି ସାଇବର ଠକେଇ ସହ ଚୋରି
- ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ପୋଲିସ

ଭଞ୍ଜନଗର,୧୭।୩(ଡି.ଏନ.ଏ)

ଫୋନ୍‌କୁ କୌଣସି ଓଟିପି ଆସି ନାହିଁ। କିନ୍ତୁ ଆକାଉଣ୍ଟରୁ ଗାଏବ ହୋଇଗଲା ୪୦ ହଜାର ଟଙ୍କା। ଏହି ଠକାମିର ଶିକାର ହୋଇଛନ୍ତି ଗଞ୍ଜାମ ଜିଲା ଭଞ୍ଜନଗର ବିଇଡି କଲେଜର କିରାଣି ଆର.ରାମଚନ୍ଦ୍ର ରାଓ। ଏ ନେଇ ରାମଚନ୍ଦ୍ର ବୁଧବାର ଭଞ୍ଜନଗର ଷ୍ଟେଟ୍‌ବ୍ୟାଙ୍କ ଏବଂ ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ରାମଚନ୍ଦ୍ରଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା ଗାଏବ ହୋଇ ଯାଇଥିଲା। ଏହାର କିଛି ସମୟ ପରେ ରାଜସ୍ଥାନରୁ ଷ୍ଟେଟ୍‌ବ୍ୟାଙ୍କର ଜଣେ ଅଧିକାରୀ କହୁଛନ୍ତି ବୋଲି ତାଙ୍କ ପାଖକୁ ଫୋନ୍ ଆସିଥିଲା। ଆପଣଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା କଟିଯାଇଛି। ତେଣୁ ମୁଁ ଆକାଉଣ୍ଟକୁ ବ୍ଲକ କରିଦେଉଛି ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଥିଲେ। ଏହା ଶୁଣିଲା ପରେ ରାମଚନ୍ଦ୍ର ଆତଙ୍କିତ ହୋଇ ଆକାଉଣ୍ଟକୁ ଯାଞ୍ଚ କରିବାରୁ ମୁର୍ଶିଦାବାଦରୁ କୌଣସି ବ୍ୟକ୍ତି ଟଙ୍କା ଉଠାଇ ନେଇଥିବା ଜାଣିବାକୁ ପାଇଥିଲେ।

ସେହିପରି ବିଏସ୍‌ଏନ୍‌ଏଲ୍ ସିମ୍ ବନ୍ଦ ହୋଇଯିବ ବୋଲି ମଙ୍ଗଳବାର ବେଲଗୁଣ୍ଠାର ବୁଲୁ ବିଶ୍ୱାଳଙ୍କ ଫୋନ୍‌କୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ଉକ୍ତ ନମ୍ବର ସହ ଯୋଗାଯୋଗ କଲେ ସିମ୍ ଆକ୍ଟିଭ୍ ହୋଇଯିବ ବୋଲି ଉଲ୍ଲେଖ ଥିଲା। ଏ ନେଇ ବୁଲୁ ଚଢ଼େୟାପଲ୍ଲୀର ଦିପକ ସାହୁଙ୍କୁ ଜଣାଇଥିଲେ। ଦିପକ ଉକ୍ତ ଫୋନ୍ ନମ୍ବରକୁ କଲ୍ କରିବାରୁ ସିମ୍‌ରେ ୧୦ଟଙ୍କା ରିଚାର୍ଜ କରିବା ପାଇଁ କହିଥିଲେ। ଏହାର କିଛି ସମୟ ପରେ ଦୀପକଙ୍କ ଆକାଉଣ୍ଟରୁ ୪୯ ହଜାର ଟଙ୍କା ଗାଏବ ହୋଇ ଯାଇଥିଲା। ଏହିପରି ପୂର୍ବରୁ ମଧ୍ୟ ଭଞ୍ଜନଗର ଓ ବେଲଗୁଣ୍ଠା ଥାନା ଅଞ୍ଚଳରେ ସାଇବର ଠକେଇ ବଢୁଥିବା ବେଳେ ତାରସିଂ ଥାନା ସାମରଡ଼ା ଗ୍ରାମରେ ମଧ୍ୟ ମଙ୍ଗଳବାର ରାତିରେ ୭ଟି ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଥିବା ବେଳେ ଏନେଇ ବିଭାଗୀୟ ଉଚ୍ଚ ପଦାଧିକାରୀ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ଜନସ୍ୱାସ୍ଥ୍ୟ ନିର୍ବାହୀଯନ୍ତ୍ରୀଙ୍କ ଅଫିସ ଘେରାଉ

ଛତ୍ରପୁର/ବେଗୁନିଆପଡ଼ା, ୧୭।୩(ଡି.ଏନ.ଏ. )


କେ.ବରିଡ଼ା ପଞ୍ଚାୟତରେ ହାଣ୍ଡି, ମାଠିଆ ରଖି ରାସ୍ତା ଅବରୋଧ କରାଯାଇଛି।

**ପାଣି ସମସ୍ୟା**

ପାଣି ପାଇଁ ଛତ୍ରପୁର ଓ ବେଗୁନିଆପଡ଼ା ବ୍ଲକ କେ. ବରିଡ଼ା ପଞ୍ଚାୟିରେ ଆନ୍ଦୋଳନ ହୋଇଛି। ଛତ୍ରପୁର ଷ୍ଟେଶନରୋଡ ବାସିନ୍ଦା ପାନୀୟ ଜଳ ପାଇଁ ବୁଧବାର ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ସେଠାରେ ଜନସ୍ୱାସ୍ଥ୍ୟ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ସାମନ୍ତରାୟ, ବ୍ୟବସାୟୀ ସଂଘ ସଭାପତି ଇକ୍ବୁ ଅମିନ ଖାନ, ଏସ.କିଷ୍ଟା ରେଡ୍ଡୀ, ପି.ବାବୟା ରେଡ୍ଡୀଙ୍କ ସମେତ ସାହିବାସୀ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ସହରର ଜଳଯୋଗାଣର ଉନ୍ନତି ପାଇଁ ୨କୋଟି ୬୩ ଲକ୍ଷ ୬୪ ହଜାର ଟଙ୍କା ଅଟକଳ ଷ୍ଟେଟ ପ୍ଲାନ ୨୦୨୦-୨୧ ଯୋଜନାରେ ମଞ୍ଜୁର ହୋଇଛି। ଫଳରେ ଅପରବସଷ୍ଟାଣ୍ଡ ୩.୫୦ ଲକ୍ଷ ଲିଟରର ଭୂଗର୍ଭ ଜଳ ଭଣ୍ଡାର ନିର୍ମାଣ ସହିତ ଷ୍ଟେଶନ ରୋଡରେ ପାଣି ପାଇପ ବିଛାଇ ଜଳ ଯୋଗାଣ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହା କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ। ସେହି ପର୍ଯ୍ୟନ୍ତ ସେଠାରେ ପାନୀୟ ଜଳ ଯୋଗାଣର ବିକଳ୍ପ ବ୍ୟବସ୍ଥା କରାଯିବ। ଏପରିକି ସେଠାରେ ୧୫ ମିନଟ ପାଣି ବଦଳରେ ଏକ ଘଣ୍ଟା ପାଣି ଛଡାଯାଇଛି। ସୂଚନାଥାଉକି, ଷ୍ଟେଶନ ରୋଡରେ ଦୈନିକ ମାତ୍ର ୧୫ ମିନଟ ପାଣି ଆସୁଥିଲା। ଏଥିପାଇଁ ସାହିର ମହିଳାମାନେ ଗୋଟିଏ ହାଣ୍ଡି ପାଣି ପାଇଁ ଲଟେରୀର ସାହାର୍ଯ୍ୟ ନେଉଥିଲେ। ଖବର ପ୍ରସାରଣ ପରେ ପ୍ରଶାସନ ତତ୍ପର ଦେଖାଇଛି। ସେହିପରି ବେଗୁନିଆପଡ଼ା ବ୍ଲକ କେ.ବରିଡ଼ା ପଞ୍ଚାୟତର ହାଇସ୍କୁଲ ଛକରେ ପାଣି ପାଇଁ ଆଖପାଖ ସାହିବାସୀନ୍ଦା ହାଣ୍ଡି ମାଠିଆ ରଖି ରାସ୍ତାରୋକୋ କରିଥିଲେ। ବେଗୁନିଆପଡ଼ା ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପରେ ବ୍ଲକ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ପହଞ୍ଚି ସାହିବାସୀଙ୍କ ପାଣି ସମସ୍ୟା ଦୂର କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ।

# ବାଲ୍ୟ ବିବାହ ନିଷେଧ ସଚେତନତା ଶୋଭାଯାତ୍ରା

ଦିଗପହଣ୍ଡି,୧୭।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରେ ବାଲ୍ୟ ବିବାହ ବନ୍ଦ ନେଇ ଏକ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଆନୁକୁଲ୍ୟରେ ଆୟୋଜିତ ସଭାରେ ସିଡିପିଓ ପୁଷ୍ପାଞ୍ଜଳୀ ଶତପଥୀ ଅଧ୍ୟକ୍ଷତା କରିଥିବା ବେଳେ ପଦ୍ମନାଭପୁର ଅଙ୍ଗନୱାଡି ସୁପରଭାଇଜର ମମତା ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ ପଦ୍ମନାଭପୁର ସରପଞ୍ଚ ବି .କ୍ରିଷ୍ଣାରାଓ ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଜିଲା ଶିଶୁ ସୁରକ୍ଷା ସଂଯୋଜକ ଶିବପ୍ରସାଦ ରଥ, ଭାଗ୍ୟଲତା ପାତ୍ର, ନାଏବ ସରପଞ୍ଚ ପ୍ରତିନିଧି ମନୋଜ ଚୌଧୁରୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବାଲ୍ୟ ବିବାହ ପ୍ରସ୍ତାବକୁ ବନ୍ଦ କରିବା ନେଇ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମବାସୀଙ୍କ ନିକଟରେ ସଚେତନତାର ବାର୍ତ୍ତା ପହଞ୍ଚାଇଥିଲେ। ଏହାପରେ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟରେ ବହୁ ସଂଖ୍ୟକ ମହିଳା ଓ କିଶୋରୀ ବାଳିକାମାନଙ୍କୁ ନେଇ ଏକ ସଚେତନତା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ୧୨ ଜଣ ମା'ଓ ଶିଶୁମାନଙ୍କୁ ସମ୍ମାନିତ କରାଯିବା ସହ କେକ୍ କାଟି ସେମାନଙ୍କୁ ବନ୍ଦାପନା ସହ ସମ୍ବର୍ଦ୍ଧିତ କରିଥିଲେ।

# ଭାଜପାର ଜିଲା କାର୍ଯ୍ୟ କାରିଣୀ ବୈଠକ


ଉପସ୍ଥିତ ଭାଜପା କର୍ମକର୍ତ୍ତା।

ରାଇକିଆ,୧୭।୩(ଡି.ଏନ୍.ଏ)

ଭାଜପାର କାର୍ଯ୍ୟ କାରିଣୀ ବୈଠକ ବୁଧବାର ରାଇକିଆଠାରେ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳ ସ୍ତରରେ ସଙ୍ଗଠନ କିପରି ଦୃଢ଼ ଭାବେ କାର୍ଯ୍ୟ କରିବ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ସଫଳ ରୂପାୟନ ହୋଇ ପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ସଭାପତି ଜଗନ୍ନାଥ ସାହୁ, କନ୍ଧମାଳ ରାଜ୍ୟ ସଙ୍ଗଠନ ମହାମନ୍ତ୍ରି ମାନସ ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ି, ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ଅନୁସୂଚିତ ଜାତି ରାଜ୍ୟ ଉପସଭାପତି ରାମବିଶ ଦିଗାଲ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ଅର୍ଚ୍ଚନା ପ୍ରଧାନ, ସଦସ୍ୟ କମଳାକାନ୍ତ ପାଣ୍ଡେ, ପଦ୍ମଚରଣଦାସ, ନେତ୍ରମାନ ସେଠ, ଜିଲା ସାଧାରଣ ସମ୍ପାଦକ ଲିଙ୍ଗରାଜ ଦଳ ବେହେରା, ମାନଗୋବିନ୍ଦ ପ୍ରଧାନ, ଦେବେନ୍ଦ୍ର କୁଦେଇ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥାର ସମସ୍ତ ଭାଜପା ସମର୍ଥିତ ଜିଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ।

# ରାସ୍ତାରୁ ଉଠୁଛି ମେଟାଲ

ବୁଗୁଡ଼ା,୧୭।୩(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅଧୀନ କୈଳାସ ନଗରଠାରୁ ମହୁଲପଲ୍ଲୀ ପର୍ଯ୍ୟନ୍ତ ରାସ୍ତାରୁ ମେଟାଲ ଉଠି ଚାଲିଛି। ବାଘୁଆ ଜଳସେଚନ ଅଧୀନରେ ଥିବା ଗୋଲିଆଠାରୁ ମହୁଲପଲ୍ଲୀ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା କେନାଲ କଡ଼ ରାସ୍ତା ମରାମତି ଅଭାବରୁ ସ୍ଥାନେସ୍ଥାନେ ରାସ୍ତାରୁ ମେଟାଲ ଉଠି ପଡୁଥିବା ବେଳେ ଉକ୍ତ ରାସ୍ତା ଉପରୁ ମେଟାଲ ଏକାଠି କରି ଲୋକେ ବୋହି ନେଉଥିବା ଦେଖିବାକୁ ମିଳିଛି। ୯ ବର୍ଷ ତଳେ ଏହି ରାସ୍ତାର କେତେକ ସ୍ଥାନରେ ପିଚୁ ପଡ଼ିଥିଲା ବେଳେ କିଛି ସ୍ଥାନରେ ମେଟାଲ ମୋରମ ପଡିଥିଲା। କଉକଲା ଛକଠାରୁ କୈଳାସ ନଗରଯାଏ ରାସ୍ତା ୩ ବର୍ଷ ତଳେ ପିଚୁ ହୋଇଥିଲା। ତେବେ ଏହି ରାସ୍ତାରେ ଚୋରାବାଲି ଓ କାଠ ବୋଝେଇ ଟ୍ରାକ୍ଟର ଯିବା ଫଳରେ ଖାଲଖମା ହୋଇ ମରଣଯନ୍ତା ପାଲଟିଛି। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏ ନେଇ ବିଭାଗୀୟ ସହ-ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ଚରଣ ସାହୁଙ୍କୁ ପଚାରିବାରେ ସେ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

# ମହିଳାଙ୍କୁ ପୋଡ଼ି ହତ୍ୟା ଘଟଣା, ସ୍ୱାମୀ ଗିରଫ

ଆର.ଉଦୟଗିରି, ୧୭।୩ (ଡି.ଏନ.ଏ.)

ମୋହନା ଥାନା ଢେପାଗୁଡା ପଞ୍ଚାୟତ ଗୋଠକେଳି ଗ୍ରାମରେ ମାନିନୀ ବେହେରାଙ୍କୁ ତାଙ୍କ ଶାଶୁଘର ଲୋକେ ପୋଡି ମାରି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ମାନିନୀଙ୍କ ସ୍ୱାମୀ ମଧୁସୂଦନ ବେହେରାଙ୍କୁ ପୋଲିସ ଗିରଫ କରିଛି।

୨୦୧୬ରେ ଦିଗପହଣ୍ଡି ଥାନା ନରସିଂହପୁର ଗ୍ରାମର ନାରାୟଣ ନାୟକଙ୍କ ଝିଅ ମାନିନୀଙ୍କ ସହ ମଧୁସୂଦନଙ୍କ ବିବାହ ହୋଇଥିଲା। ପ୍ରଥମେ କନ୍ୟା ଜନ୍ମ ହେବାରୁ ମାନିନୀଙ୍କୁ ମଧୁସୂଦନ ନିର୍ଯାତନା ଦେଉଥିଲେ। ୨୦୧୯ରେ ପୁତ୍ର ସନ୍ତାନ ଜନ୍ମ ପରେ ତାଙ୍କ ଚରିତ୍ରକୁ ସନ୍ଦେହ କରିଥିଲେ। ସେବେଠୁ ଶାଶୁଘର ଲୋକେ ମାନିନୀଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ମାନିନୀ ଏ ସମ୍ପର୍କରେ ଭାଇ କୁମୁଦଙ୍କୁ ଫୋନ୍‌ରେ ଜଣାଇ ଆସୁଥିଲେ। ଗତ ୧୩ ତାରିଖରେ ମାନିନୀଙ୍କ ହାତ ଗୋଡ ବାନ୍ଧି କିରୋସିନି ଢ଼ାଳି ନିଆଁ ଲଗାଯାଇଥିଲା। ପଡ଼ୋଶୀ ଚିତ୍କାର ଶୁଣିବାରୁ ପରିବାର ଲୋକ ଅର୍ଦ୍ଧଦଗ୍ଧ ଅବସ୍ଥାରେ ମାନିନୀଙ୍କୁ ବ୍ରହ୍ମପୁର ମେଡିକାଲ ଓ ପରେ ଭୁବନେଶ୍ୱର ଘରୋଇ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଭାଇ କୁମୁଦଙ୍କ ଅଭିଯୋଗକ୍ରମେ ନଂ.୬୮/୨୧ରେ ଏକ ମାମଲା ରୁଜୁ ହୋଇଥିବା ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକ କହିଛନ୍ତି।

# ମୋହନାକୁ ହରାଇ ଆଶ୍ରୟଗଡ଼ ଚାମ୍ପିୟନ

ରାୟଗଡ଼(ଗଜପତି),୧୭।୩



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।

**ଭଲିବଲ୍ ଟୁର୍ନାମେଣ୍ଟ**

ରାୟଗଡ଼ ବ୍ଲକ ସଦରମହକୁମା ଠାରେ ଚାଲିଥିବା ଭଲିବଲ୍ ଟୁର୍ନାମେଣ୍ଟ ମଙ୍ଗଳବାର ଶେଷ ହୋଇଛି। ଏଥିରେ ମୋହନାକୁ ହରାଇ ଆଶ୍ରୟଗଡ଼ ଦଳ ଚାମ୍ପିୟନ ହୋଇଛି। ଉଦଯାପନୀରେ ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଅନ୍ତର୍ଯାମୀ ଗମାଙ୍ଗ ମୁଖ୍ୟ ଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷ ଆର୍. ବିଜୟ କୁମାର, ଆର.ଉଦୟଗିରି ଥାନା ଏସ୍‌ଆଇ ବସନ୍ତ ଗୁଣ୍ଡା, କନିଷ୍ଠ ଯନ୍ତ୍ରୀ ଉମାଶଙ୍କର ପାତ୍ର, ବରିଷ୍ଠ ବିଜେଡି ନେତା ବିଶ୍ୱନାଥ, ଭାଜପା ନେତା ଗୌରାଙ୍ଗ ଗୌଡ, ଶିକ୍ଷାବିତ୍ ଦୈବାଧିନ ଶତପଥୀ, ବୁଦ୍ଧିଜୀବି କାଳିପ୍ରସାଦ ଦାସ, ରବିନିଧି ମିଶାଲ, ଅଜାଦପତି ମିଶାଲ, ବ୍ୟବସାୟୀ ଦେଓ ଆଚାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଶ୍ରୟଗଡ଼ ଟିମ୍ ୩-୦ ରେ ବିଜୟୀ ହୋଇଥିବାରୁ ଟ୍ରଫି ସହ ୫୦ ହଜାର ଟଙ୍କାର ଚେକ୍ ଓ ପରାଜିତ ମୋହନା ଦଳକୁ ଟ୍ରଫି ସହ ୩୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ଖେଳାଳି ଓ କମିଟି ସଦସ୍ୟମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଖେଳ ଶିକ୍ଷକ ଅମ୍ବିକା ପ୍ରସାଦ ସେଠୀ ରେଫରି ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟ ସଭାପତି ପ୍ରଦୀପ ଦଳାଇ, ସମ୍ପାଦକ ମାଫିଏଲ୍ ସ୍ୱାଲସିଂ, କୋଷାଧ୍ୟକ୍ଷ ଶ୍ରୀନିବାସ ପାଇକ ପରିଚାଳନା କରିଥିଲେ। ଗ୍ରାମର ଯୁବକମାନେ ସହଯୋଗ କରିଥିଲେ। ସମସ୍ତ କାର୍ଯକ୍ରମକୁ କାଳୀ ପ୍ରସାଦ ଶବର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୨୧ ବର୍ଷ ପରେ ରାୟଗଡ଼ ଗ୍ରାମରେ ଏକ ମାସ ଧରି ଚାଲିଥିବା ଏହି ଭଲିବଲ୍ ଟୁର୍ନାମେଣ୍ଟରେ ୪୭ଟି ଦଳ ଅଂଶଗ୍ରହଣ କରିଥିଲେ।

## ଯୌତୁକଜନିତ ହତ୍ୟା ମାମଲା

# ସ୍ୱାମୀ, ଶାଶୁଙ୍କୁ ୧୦ ବର୍ଷ କାରାଦଣ୍ଡ

ଆସିକା,୧୭।୩(ଡି.ଏନ୍.ଏ)

ଯୌତୁକ ଜନିତ ହତ୍ୟା ମାମଲାର ବିଚାର କରି ବୁଧବାର ଆସିକାର ଅତିରିକ୍ତ ଜିଲା ଦୌରାଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ଅଭିଯୁକ୍ତ ସ୍ୱାମୀ ଓ ଶାଶୁଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ସେମାନେ ହେଲେ ସ୍ୱାମୀ ପ୍ରଭାକର ଜେନା ଓରଫ ଟୁକୁନା ଓ ଶାଶୁ ଉଲି ଜେନା। ଜରିମାନା ଅନାଦେୟ ୧ ମାସ ଅତିରିକ୍ତ ଜେଲ୍ ଲାଗି ଅଦାଲତ ରାୟ ଶୁଣାଇଛନ୍ତି। ବ୍ରହ୍ମପୁର ସଦର ଥାନା ନଳିହାଡ ଗ୍ରାମର ବାବୁ ସ୍ୱାଇଁଙ୍କ ଝିଅ ସୁଜାତାଙ୍କ ବାକିଲିକଣା ଗ୍ରାମର ପ୍ରଭାକରଙ୍କ ସହ ବିବାହ ହୋଇଥିଲା। ସୁଜାତାଙ୍କୁ ଶାଶୁ ଘରେ ନିର୍ଯାତନା ଦିଆଯାଉଥିଲା। ୨୦୧୫ ଜୁନ୍ ୭ରେ ଶାଶୁ ଘରେ ପୋଡିହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ଯୌତୁକ ଲାଗି ଝିଅକୁ ପୋଡି ଦିଆଯାଇଥିବା ସୁଜାତାଙ୍କ ବାପା ଶେରଗଡ ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ମୃତ ମହିଳାଙ୍କ ଶ୍ୱଶୁର ହରି ଜେନା, ଶାଶୁ ଓ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରି ଅଦାଲତରେ ଦାଖଲ କରିଥିଲେ। ମାମଲାର ବିଚାର ସମୟରେ ହରିଙ୍କ ମୃତ୍ୟୁ ଘଟିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ସୁଧାଂଶୁ କୁମାର ପଣ୍ଡା ମାମଲା ଲଢୁଥିଲେ।

## କ୍ରୀଡ଼ା ଶିକ୍ଷକଙ୍କ ଧାରଣା

ଆସିକା,ଡି.ଏନ୍.ଏ)- ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପରିସରଭୁକ୍ତ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ କର୍ତ୍ତବ୍ୟରତ କ୍ରୀଡ଼ା ଓ କଳା ଶିକ୍ଷକ ଶିକ୍ଷୟିତ୍ରୀମାନେ ଦରମା ଦାବିରେ ବୁଧବାର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲାର ଅନ୍ୟ ସମସ୍ତ ବ୍ଲକର ଏହି ବର୍ଗର ଶିକ୍ଷକମାନେ ଦରମା ପାଉଥିଲେ ମଧ ଆସିକା ବ୍ଲକର ବିଭିନ୍ନ ହାଇସ୍କୁଲରେ ଶିକ୍ଷକମାନଙ୍କୁ ଦରମା ମିଳିନଥିବା ଅଭିଯୋଗ କରିଥିଲେ। ବିଇଓ ପହଞ୍ଚିବା ଶିକ୍ଷକମାନଙ୍କ ସହ ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏ ସମ୍ପର୍କରେ ବିଇଓ କୃତୀବାସ ବାରିକଙ୍କୁ ପଚାରିବାରୁ ସମ୍ପୃକ୍ତ କ୍ରୀଡ଼ା ଶିକ୍ଷକମାନଙ୍କ କାର୍ଯ୍ୟ ସମ୍ପର୍କରେ ସେମାନେ ବିଦ୍ୟାଳୟରୁ ଆବଶ୍ୟକୀୟ କାଗଜପତ୍ର ପହଞ୍ଚିନଥିବାରୁ ଦରମା ଦେବାରେ ବିଳମ୍ବ ହେଉଥିବା କହିଛନ୍ତି।

### ଆଜି କ'ଣ କେଉଁଠି

ବ୍ରହ୍ମପୁର
- ଭାଜପା ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ- ବିଏମ୍‌ସି କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୧ଟା।

### ସଂକ୍ଷେପରେ

## ବେଆଇନ ଇଟା ବୋଝେଇ ୬ ଟ୍ରାକ୍ଟର ଜବତ, ୯ ଗିରଫ



ଖଲ୍ଲିକୋଟ,୧୭।୩(ଡି.ଏନ.ଏ.): ଖଲ୍ଲିକୋଟ ବ୍ଲକ ମାଣିକ୍ୟପୁର ଗ୍ରାମରେ ପୋଲିସ ବୁଧବାର ବେଆଇନ ଇଟା ବୋଝେଇ ୬ ଟ୍ରାକ୍ଟରକୁ ଜବତ କରିବା ସହ ୯ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଉକ୍ତ ଗାଁ ପୋଡ଼ା ମାଟି ଇଟା ଚାଲାଣ ହେଉଥିବା ନେଇ ଖବର ପାଇ ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ଚଢ଼ାଉ କରିଥିଲେ। ଏ ନେଇ ନଂ ୧୩୨, ୧୩୩, ୧୩୪, ୧୩୫, ୧୩୬, ୧୩୭/୨୧ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଖଲିକୋଟ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ଭାବେ ଇଟା ଭାଟି ପୋଡ଼ାଯାଉଛି। ଫଳରେ ପରିବେଶ ପ୍ରଦୂଷଣ ହେଉଛି। ଇଟା ଭାଟି ମାଲିକମାନେ ପ୍ରଶାସନକୁ ଖାତିର ନ କରି ଏହି ବେପାର କରୁଛନ୍ତି। ତେଣୁ ଏପରି ଚଢ଼ାଉ ଜାରି ରହିବ ବୋଲି ଆଇଆଇସି କହିଥିଲେ।

## ଆନ୍ଧ୍ରକୁ ବାଲି ଚାଲାଣ, ୨ ଟ୍ରକ୍ ଜବତ

ଛତ୍ରପୁର,୧୭।୩(ଡି.ଏନ.ଏ.): ପୁଣି ଗଞ୍ଜାମ ଜିଲାରୁ ସମୁଦ୍ର ବାଲି ଆନ୍ଧ୍ରପ୍ରଦେଶ ଚାଲାଣ ବେଳେ ଧରାପଡ଼ିଛି। ବୁଧବାର ପୋଲିସ ଋଷିକୁଲ୍ୟା ବ୍ରିଜ ନିକଟ ସମୁଦ୍ରରୁ ଆନ୍ଧ୍ରପ୍ରଦେଶକୁ ବାଲି ଚାଲାଣ କରୁଥିବା ୨ ଟ୍ରକକୁ ଛତ୍ରପୁର କଲେଜ ଛକ ନିକଟରେ ଅଟକାଇଛି। ଛତ୍ରପୁର ପୋଲିସ ୨ ଆନ୍ଧ୍ର ଟ୍ରକ (ଏପି ୩୯ଟିଜେ ୧୩୭୭ ଓ ଏପି୧୬ ଟିଇ ୫୧୭୨)କୁ ଜବତ କରିବା ସହ ଚାଳକ ଓ ହେଲପରଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି । ସୂଚନାଯୋଗ୍ୟ, ଫେବୃୟାରୀ ୩ରେ ମଧ ଆନ୍ଧ୍ରକୁ ଗଞ୍ଜାମରୁ ସମୁଦ୍ର ବାଲି ଚାଲାଣ ବେଳେ ଛତ୍ରପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଚଢାଉ କରାଯାଇ ଗୋଟିଏ ଜେସିବି ଓ ୩ ଟିପ୍ପର ଜବତ କରାଯାଇଥିଲା ।

## ଗାଡି ଶୋ'ରୁମରୁ ଚୋରି

ଆସିକା,୧୭।୩(ଡି.ଏନ୍.ଏ): ଆସିକା ବିଜୁ ପଟ୍ଟନାୟକ ଛକଠାରେ ଥିବା ହୋଣ୍ଡା ସୋରୁମରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗାଡିର ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଯନ୍ତ୍ରାଂଶ ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ଦୁର୍ବୃତ୍ତମାନେ ଶୋରୁମର ସଟର ତାଲା ଭାଙ୍ଗି ଚୋରି କରିଥିବା ନେଇ ମାଲିକଙ୍କ ପକ୍ଷରୁ ଆସିକା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୧୫୭/୨୧ରେ ଏକ ମାମଲା ରୁଜୁ କରାଯାଇଛି। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ଖଲ୍ଲିକୋଟ ସ୍ୱୟଂଶାସିତ କଲେଜରେ ଅଧ୍ୟାପକ ମରୁଡ଼ି

ନରସିଂହ ସାହୁ
ବ୍ରହ୍ମପୁର ଅଫିସ,୧୭।୩



ଖଲ୍ଲିକୋଟ ମହାବିଦ୍ୟାଳୟ ।

**୧୪୩ ବର୍ଷର ମହାବିଦ୍ୟାଳୟ**
- ମଞ୍ଜୁରୀ ପଦବୀ ୮୦ରୁ ଅଛନ୍ତି ୧୮
- ପଢୁଛନ୍ତି ୫ ହଜାର ଛାତ୍ରୀଛାତ୍ର

ଦକ୍ଷିଣ ଓଡ଼ିଶାର ବୃହତ୍ତମ ଉଚ୍ଚ ଶିକ୍ଷାନୁଷ୍ଠାନ ବ୍ରହ୍ମପୁରସ୍ଥ ଖଲ୍ଲିକୋଟ ସ୍ୱୟଂଶାସିତ କଲେଜରେ ଦୀର୍ଘଦିନରୁ ଅଧ୍ୟାପକ ଅଭାବ ଲାଗି ରହିଛି। ମଞ୍ଜୁରୀ ପଦବୀ ୮୦ରୁ ଏବେ ଅଛନ୍ତି ମାତ୍ର ୧୮ ଅଧ୍ୟାପିକା ଓ ଅଧ୍ୟାପକ। କଲେଜ ଓ ତତ୍‌ସଂଲଗ୍ନ ଜୁନିୟର କଲେଜରେ ପଢୁଛନ୍ତି ପ୍ରାୟ ୫ ହଜାର ଛାତ୍ରୀଛାତ୍ର। ପାଠପଢ଼ାରେ ସମସ୍ୟା ସୃଷ୍ଟି ହେବାରୁ ଇତିମଧ୍ୟରେ ୪୯ ଅତିଥି ଅଧ୍ୟାପକଙ୍କୁ ନିୟୋଜିତ କରାଯାଇଛି। ଅନ୍ୟପକ୍ଷରେ ଅଣଶିକ୍ଷକ କର୍ମଚାରୀଙ୍କ ମଧ ଅଭାବ ରହିଛି। ଆବଶ୍ୟକ ଠାରୁ ପ୍ରାୟ ୭୫% ପଦବୀ ଖାଲି ପଡ଼ିଛି। କାମ ଚଳାଇବା ପାଇଁ କେତେଜଣଙ୍କୁ ଆଉଟସୋର୍ସିଂରେ ରଖାଯାଇଛି। ବ୍ରହ୍ମପୁରର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ସରକାର କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ଦାୟିତ୍ୱ ଦେଇଛନ୍ତି। ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡ଼ିକ ପୂରଣ ଲାଗି ଉଚ୍ଚ ଶିକ୍ଷା ବିଭାଗକୁ କମିଟି ପକ୍ଷରୁ ଚିଠି ଲେଖାଯାଇଥିବା ସେ ସୂଚାଇଛନ୍ତି।

ସୂଚନାଯୋଗ୍ୟ ବ୍ରିଟିଶ ସରକାର ସମୟରେ ମାଡ୍ରାସ ପ୍ରେସିଡେନ୍ସି ଅଧିନ ଥିଲା ବ୍ରହ୍ମପୁର। ଗଞ୍ଜାମ ଜିଲାରେ ଉଚ୍ଚଶିକ୍ଷାର ବ୍ୟାପକ ପ୍ରସାର ନିମନ୍ତେ ୧୮୭୮ ମସିହାରେ ଘରୋଇ ଭାବେ ଏହି କଲେଜ ପ୍ରତିଷ୍ଠା କରାଯାଇଥିଲା। ତତ୍କାଳୀନ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଏହି ଶିକ୍ଷାନୁଷ୍ଠାନ ଲାଗି ସହରର କେନ୍ଦ୍ରସ୍ଥଳରେ ବିସ୍ତୃତ ଜମି ମାଗଣାରେ ଯୋଗାଇଥିଲେ। ବିଲଡିଂ ଓ ହଷ୍ଟେଲ ନିର୍ମାଣ ପାଇଁ ସହାୟତା ମଧ ଦେଇଥିଲେ। କଲେଜ ସମ୍ମୁଖରେ କଲେଜିଏଟ ହାଇସ୍କୁଲ ମଧ କରାଯାଇଥିଲା। ସେହି ଉଚ୍ଚ ବିଦ୍ୟାଳୟରେ ସ୍ୱର୍ଗତ ପୂର୍ବତନ ରାଷ୍ଟ୍ରପତି ଭିଭି ଗିରି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଉତ୍ତର ପ୍ରଦେଶର ପ୍ରାକ୍ତନ ରାଜ୍ୟପାଳ ସ୍ୱର୍ଗତ ବିଶ୍ୱନାଥ ଦାସ, ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଓ ରାଜ୍ୟର ପ୍ରାକ୍ତନ ମନ୍ତ୍ରୀ ସ୍ୱର୍ଗତ ଲିଙ୍ଗରାଜ ପାଣିଗ୍ରାହୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ ପଢ଼ିଛନ୍ତି। ହରିହର ମର୍ଦ୍ଦରାଜଙ୍କ ଅକୁଣ୍ଠ ସହଯୋଗ ଯୋଗୁ କଲେଜକୁ ଖଲ୍ଲିକୋଟ ନାମରେ ନାମିତ କରାଯାଇଛି। କେବଳ ସେତିକି ନୁହେଁ ସହରର ଗୋଷାଣି ନୂଆଗାଁ ଅଞ୍ଚଳରେ କେସି ହାଇସ୍କୁଲ ଓ କେସି ବାଳିକା ହାଇସ୍କୁଲ ଏବଂ ଟାଉନ ପୋଲିସ ଥାନା ରାସ୍ତାରେ କେସି ଟାଉନ ହାଇସ୍କୁଲ ମଧ ଖଲ୍ଲିକୋଟ ରାଜା ହରିହରଙ୍କ ଦ୍ୱାରା ହୋଇଥିଲା। ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଏକ ମଧ ରହିଛି।

ଖଲ୍ଲିକୋଟ ମହାବିଦ୍ୟାଳୟକୁ ୧୪୩ ବର୍ଷ ପୂରିଛି। ଆରମ୍ଭରୁ ପରିଚାଳନା ଖର୍ଚ୍ଚ ନିମନ୍ତେ ଲଟେରୀ ଉଠାଣ ବ୍ୟବସ୍ଥା ହୋଇଥିଲା। ଜଣେ ପଞ୍ଜାବୀ ଦାୟିତ୍ୱ ନେଇଥିଲେ। ଟିକେଟ ବିକ୍ରିର କିଛି ପ୍ରତିଶତ କଲେଜକୁ ଦିଆଯାଉଥିଲା। ପ୍ରତିଷ୍ଠାର ୯୩ ବର୍ଷ ପରେ ୧୯୭୧ ମାର୍ଚ୍ଚରେ ଏହି ଘରୋଇ ମହାବିଦ୍ୟାଳୟ ସରକାରୀ ହୋଇଥିଲା। ୧୯୯୦ରେ ସ୍ୱୟଂଶାସିତ ମାନ୍ୟତା ମିଳିଲା। ୨୦୦୩ରେ 'ନାକ୍' ସ୍ୱୀକୃତି ମିଳିଥିଲା। କଲେଜରେ କଳା, ବିଜ୍ଞାନ, ବାଣିଜ୍ୟ ସମେତ ଅନେକ ବିଭାଗ ସହ ସ୍ନାତକୋତ୍ତର ପାଠ୍ୟକ୍ରମ ଅଛି। ସରକାରଙ୍କ ଅନୁମୋଦନକ୍ରମେ ସେଲଫ ଫାଇନାନ୍ସ ପାଠ୍ୟକ୍ରମ ପ୍ରଚଳିତ ହେଉଛି। ଛାତ୍ରୀ ଓ ଛାତ୍ରଙ୍କ ନିମନ୍ତେ ଉନ୍ନତମାନର ଏକାଧିକ ହଷ୍ଟେଲ ରହିଛି। ସ୍ୱତନ୍ତ୍ର ଭାବେ ମର୍ଦ୍ଦରାଜଙ୍କ ନାମରେ ପିଜି ହଷ୍ଟେଲ ଅଛି। ଏହି ପୁରାତନ କଲେଜକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ୨୦୦୮ରେ ଭୟଙ୍କର ଛାତ୍ର ଆନ୍ଦୋଳନ ହୋଇଥିଲା। ୨୦୧୪ ସାଧାରଣ ନିର୍ବାଚନ ପରେ ଏକକ ବିଶ୍ୱବିଦ୍ୟାଳୟ ପରିବର୍ତ୍ତେ ସ୍ୱତନ୍ତ୍ର ଭାବେ ଖଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଖଲ୍ଲିକୋଟ କଲେଜର ଅନେକ ପୁରାତନ ଛାତ୍ର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି।

## ଯୁବକଙ୍କୁ ଗୁଳିମାଡ଼, ୩ ଗିରଫ

ବ୍ରହ୍ମପୁର ଅଫିସ,୧୭।୩


ଜବତ ବନ୍ଧୁକ।

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡ଼ସିଂ ଧୋବା ସାହିରେ ମଙ୍ଗଳବାର ମଧ୍ୟରାତ୍ରରେ ଗୁଳିମାଡ଼ ଜଣେ ଯୁବକ ଆହତ ହୋଇଛି। ସେ ହେଲେ ଖୋଡାସିଂର ସୁରଜ କୁମାର ଦଳାଇ। ତାଙ୍କ ଡାହାଣ ହାତ ଆଙ୍ଗୁଠିରେ ଗୁଳି ବାଜିଛି। ଖବରପାଇ ପୋଲିସ ପହଞ୍ଚି ସୁରଜଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲା। ଏହି ଘଟଣାରେ ମାଷ୍ଟରମାଇଣ୍ଡ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖୋଡାସିଂ ତୋଟାସାହିର ଦିବାକର ନାୟକ, ପ୍ରଦୀପ ହାତୀ ଓ କୁନା ନାୟକ। ଦିବାକରଙ୍କ ଠାରୁ ଏକ ବନ୍ଧୁକ ଜବତ କରାଯାଇଛି। ସେ ବ୍ରହ୍ମପୁର ମହାନଗର ନିଗମରେ ଜମାଦାର ଭାବେ କାମ କରନ୍ତି ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି। ଆହତ ସୁରଜଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୭୦/୨୧ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି। ପ୍ରକାଶ ଯେ, ସୁରଜଙ୍କ ସହ ଦିବାକରଙ୍କ ତିକ୍ତତା ଲାଗିରହିଥିଲା। ମଙ୍ଗଳବାର ରାତିରେ ସୁରଜ ଏକାକୀ ଫେରୁଥିବା ଦେଖି ରାସ୍ତାରେ ଦିବାକର ଓ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଅଟକାଇ ଝଗଡା କରିଥିଲେ। ପରେ ଦିବାକର ବନ୍ଧୁକ ବାହାର କରି ସୁରଜଙ୍କ ଉପରକୁ ଗୁଳିମାଡ଼ କରି ଚମ୍ପଟ ମାରିଥିଲେ।

## ଅଭିଯୁକ୍ତଙ୍କୁ ଜେଲ ସହ ଜରିମାନା

ବ୍ରହ୍ମପୁର ଅଫିସ୍,୧୭।୩

**ଚେକ୍ ବାଉନ୍ସ ମାମଲା**

ଏକ ଚେକ୍ ବାଉନ୍ସ ମାମଲାର ଶୁଣାଣି କରି ଏସ୍‌ଡ଼ିଜେଏମ୍ ଜିତେନ୍ଦ୍ରିୟ ପାଣିଗ୍ରାହୀ ଉପଯୁକ୍ତ ପ୍ରମାଣ ଆଧାରରେ ଅଭିଯୁକ୍ତାଙ୍କୁ ୬ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆବେଦନକାରୀଙ୍କୁ ଅଭିଯୁକ୍ତା ୬ ଲକ୍ଷ ୫୫ ହଜାର ଟଙ୍କା ଜରିମାନା ଦେବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଏକ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ହୋଇଛି। ଅଭିଯୁକ୍ତା ହେଲେ ଅନୀତା ନାୟକ। ଗୋଳନ୍ଥରା ଥାନା କନିଷି ହାଟ ତୁଲୁରୋଡ଼ର ଟୁନା ନାୟକଙ୍କ ସ୍ତ୍ରୀ ଅନୀତା ୨୦୧୬ ସେପ୍ଟେମ୍ବର ୧ରେ ଆସିକାରେ ରହୁଥିବା ଜଣେ ସମ୍ପର୍କୀୟ କ୍ରିଷ୍ଣା କୁମାରୀ ଜେନାଙ୍କଠାରୁ ୫ ଲକ୍ଷ ଟଙ୍କା ଧାର ନେଇଥିଲେ। ଅନୀତା ୫ ଲକ୍ଷ ଟଙ୍କାର ଏକ ଚେକ୍ କ୍ରିଷ୍ଣାଙ୍କୁ ଦେଇଥିଲେ। ଗତ ୨୦୧୬ ସେପ୍ଟେମ୍ବର ୩୦ରେ କ୍ରିଷ୍ଣା ଉକ୍ତ ଚେକ୍‌ଟିକୁ ବ୍ୟାଙ୍କରେ ଜମା କରିଥିଲେ। କିନ୍ତୁ ଅନୀତାଙ୍କ ଆକାଉଣ୍ଟରେ ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇଯାଇଥିଲା। ପରେ କ୍ରିଷ୍ଣା ଏ ନେଇ ଅନୀତାଙ୍କୁ ଓକିଲ ନୋଟିସ୍ ପଠାଇଥିଲେ। ଏହାର କୌଣସି ଉତ୍ତର ନ ମିଳିବାରୁ ୨୦୧୬ ନଭେମ୍ବର ୧୬ରେ କ୍ରିଷ୍ଣା କୋର୍ଟରେ ୱାନସିସି ମାମଲା ରୁଜୁ କରିଥିଲେ। ୱାନ୍ ସିସି ୩୫୩/୧୬ ମାମଲାର ବିଚାରଣାବେଳେ ୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିଥିବାରୁ ଏସ୍‌ଡ଼ିଜେଏମ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।


ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ୧୮ ତମ ସ୍ୱନକ୍ଷତ୍ର ଉତ୍ସବରେ ଉପସ୍ଥିତ ଜିଲା ଓ ବ୍ଲକ ପ୍ରତିନିଧିମାନେ।

## କଂଗ୍ରେସର ସାଙ୍ଗଠନିକ ବୈଠକ

ରମ୍ଭା,୧୭।୩

ରମ୍ଭା ସହର ସ୍ଥିତ ଗାୟତ୍ରୀ ଶକ୍ତି ପୀଠ ପରିସରରେ ରହିଥିବା ପ୍ରଜ୍ଞା ଭବନରେ କଂଗ୍ରେସର ସାଙ୍ଗଠନିକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରମ୍ଭା କଂଗ୍ରେସ ନଗର ସଭାପତି ବିପ୍ର ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ଗଞ୍ଜାମ ବ୍ଲକ ସଭାପତି ଏନ.ଗଣେଶ ରେଡି ଯୋଗଦେଇଥିଲେ। ରାଜ୍ୟ ମହିଳା କଂଗ୍ରେସ ସାମ୍ପାଦିକା ସୁଜ୍ଞାନୀ ପଟ୍ଟନାୟକ ଯୋଗଦେଇ ମାନମାନି ଭୁଲି ଗୋଷ୍ଠି କନ୍ଦଳରୁ ନିବୃତ୍ତ ରହି ସଙ୍ଗଠନ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉପଦେଷ୍ଟା ନବକୃଷ୍ଣ ପଣ୍ଡା, ଏସ୍ ଭୀମ ରେଡ୍ଡୀ, ପର୍ଶୁରାମ ପରିଡା, ଗଞ୍ଜାମ ନଗର ସମ୍ପାଦକ ଟୁନା ଶତପଥୀ, ଚକ୍ରଧର ବେହେରା, ବାୟା ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ନାରାୟଣ ରେଡ୍ଡୀ, ଅଭିମନ୍ୟୁ ନାୟକ, ଚକ୍ରଧର ବେହେରା, ଦିବାକର ବେହେରା, ଧୋବା ବେହେରା ପ୍ରମୁଖଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

## କାନ୍ଦୁଲ ଭଜା ଯାତ୍ରା ଅନୁଷ୍ଠିତ

ବାଲିଗୁଡା,୧୭।୩(ଡି.ଏନ.ଏ.)

ବାଲିଗୁଡ଼ା ନୂଆସାହିରେ କୃଷିଭିତ୍ତିକ କାନ୍ଦୁଲ ଭଜା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଭଳି ବାଲିଗୁଡ଼ାରେ କେଉଁ ଆବହମାନ କାଳରୁ ଏହି ଯାତ୍ରା ଅଞ୍ଚଳର ଅଧିଷ୍ଠାତ୍ରୀ ମା' ପାଟଖଣ୍ଡା ଓ ବରାଳ ଦେବୀଙ୍କ ପୀଠରେ ହୋଇଆସୁଛି। ଏଥିରେ ପରମ୍ପରା ଅନୁଯାୟୀ କାନ୍ଦୁଲ ଓ ଶିମ୍ବ ମଞ୍ଜିକୁ ଭାଜି ଲିଆଉଖୁଡା ନଡିଆ ଭୋଗ ସହିତ ପଳାସ ଫୁଲ ଧାଧୁନ ଫୁଲକୁ ପୂଜାର୍ଚ୍ଚନା କରି ମା'ଙ୍କୁ ଅର୍ପଣ କରାଯାଏ। ମାନସିକଧାରୀ ଓ ଶ୍ରଦ୍ଧାଳୁମାନେ ପୀଠରେ କୁକୁଡ଼ା, ବୋଦା ମଧ ବଳି ଦିଅନ୍ତି । ପୂର୍ବରୁ ମା' ପାଟଖଣ୍ଡାଙ୍କୁ ଆଦିବାସୀମାନେ ପୂଜା କରୁଥିଲେ। କାଳକ୍ରମେ ପାଇକ ଖଣ୍ଡାୟତ ଓ କ୍ଷତ୍ରିୟ ବଂଶଧର ପୂଜାର୍ଚ୍ଚନା କରି ଆସୁଛନ୍ତି ।

## ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସାଧାରଣ ବୈଠକ

ବ୍ରହ୍ମପୁର ଅଫିସ,୧୭।୩

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ୨୦୧୦-୨୧ର ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଡ. ବଳଭଦ୍ର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି, ସମ୍ମାନିତ ଅତିଥି ଭାବେ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡା ପରିଷଦ ସମ୍ପାଦକ ଡ. ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଖେଳ ପଡିଆ ପାଚେରୀ ନିର୍ମାଣ, ୨ଟି ସିନ୍ଥେଟିକ୍ ବାସ୍କେଟବଲ କୋର୍ଟ, ଗ୍ୟାଲେରି ସଂପ୍ରସାରଣ, କୋଚ୍ ନିଯୁକ୍ତି, କ୍ରୀଡାବିତଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ଓ କଲେଜରେ ଖାଲି ପଡ଼ିଥିବା ପିଇଟି ପଦବୀ ପୂରଣ ପାଇଁ ଗୁରୁତ୍ୱ ଦିଆଯିବ ବୋଲି ବୈଠକରୁ ଜଣାପଡ଼ିଛି। ଚଳିତ ବର୍ଷ ସମର କୋଚିଂ କ୍ୟାମ୍ପଗୁଡ଼ିକ ଛାତ୍ର ଛାତ୍ରୀଙ୍କ ପରୀକ୍ଷା ସାରଣୀକୁ ଦେଖି ପଦକ୍ଷେପ ନିଆଯିବ । ଏହି ଅବସରରେ ଶରତ ଚନ୍ଦ୍ର ମହାପାତ୍ର, ସୁଶାନ୍ତ କୁମାର ବେହେରା,ଦେବ ପ୍ରସାଦ ପାଢ଼ୀ,ସନାତନ ସାହୁଙ୍କୁ ସର୍ବ ସମ୍ମତିକ୍ରମେ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚୟନ କରାଯାଇଛି। ଉପ କୁଳସଚିବ ଡ. ବାବୁଜୀ ସାମଲ, ସହକୁଳସଚିବ ଡ. ସରୋଜ କୁମାର ଦାଶ, ପ୍ରଶାସନିକ ଅଧିକାରୀ ଡ. ସତ୍ୟ ବ୍ରତ ପାତ୍ର, ମହେଶ ମିଶ୍ର, ରାଜ କିଶୋର ମହାପାତ୍ର, କୋଚ୍ ରାଜେଶ ମହାନ୍ତି, ପିଇଓ ରବି ଚରଣ ମିଶ୍ର ସମେତ ବିଶ୍ୱବିଦ୍ୟାଳୟ ଅଧିନରେରେ ଥିବା ୮୨ କଲେଜ ଅଧ୍ୟକ୍ଷ, ପିଇଟି ଓ କଲେଜ ପ୍ରତିନିଧି ବୈଠକରେ ଯୋଗ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ଅତିଥିମାନେ।

## ଚିତ୍ରାଳୟ ମାଲିକ ସଂଘର ବୈଠକ

ବ୍ରହ୍ମପୁର ଅଫିସ୍,୧୭।୩

ଓଡ଼ିଶା ଚିତ୍ରାଳୟ ମାଲିକ ସଂଘ ଗଞ୍ଜାମ ଜିଲା ଶାଖାର ସାଧାରଣ ବୈଠକ ବୁଧବାର ଗୋଷାଣୀ ନୂଆଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଦିଲୀପ କୁମାର ସାମନ୍ତରା ଅଧ୍ୟକ୍ଷତା କରିଥିଲେ। ଦକ୍ଷିଣ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ସଚିବ ସୁବାସ ଚନ୍ଦ୍ର ସାହୁ ଓ ରୋଶନ୍ ଏବଂ ଗଞ୍ଜାମ ଜିଲା ଦଣ୍ଡ ନାଚ ମହାସଂଘ ସଭାପତି ଶିବରାମ ପ୍ରଧାନ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜାରି କରୋନା ଗାଇଡଲାଇନକୁ ମାନି ନାଟକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ପାରମ୍ପରିକ ଦଣ୍ଡନାଚ ନିମନ୍ତେ ଜିଲାପାଳ ଓ ବ୍ରହ୍ମପୁର ଉପଜିଲାପାଳଙ୍କ ପକ୍ଷରୁ ଅନୁମତି ମିଳିଥିବା ହେତୁ ସଂଘ ପକ୍ଷରୁ ସାଧୁବାଦ ଜଣାଯାଇଥିଲା। ସଂଘ ସଂପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର ମିଶ୍ର, ମନୋଜ ଗୌଡ଼, ଆଦିତ୍ୟ ପଟ୍ଟନାୟକ, ଗୌରହରି ସାବତ, ଯୋଗେନ୍ଦ୍ର ପ୍ରଧାନଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା। ।

## ଭୁବନେଶ୍ୱରରେ ଲୁଚିଥିଲେ ୫ ଅଭିଯୁକ୍ତ

ଦିଗପହଣ୍ଡି,୧୭।୩(ଡି.ଏନ.ଏ.)

**ହତ୍ୟା ଉଦ୍ୟମ ମାମଲା**

ଦିଗପହଣ୍ଡି ଥାନା ଅଧିନ ବନ୍ଥପଲ୍ଲୀ ଗାଁର ପଞ୍ଚୁ ଭୂୟାଁଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଫେରାର ଥିବା ୫ ଅଭିଯୁକ୍ତଙ୍କୁ ପୋଲିସ ଭୁବନେଶ୍ୱରରୁ ଗିରଫ କରିଛି। ଆଇଆଇସି ବସନ୍ତ କୁମାର ସେଠୀ ସଦଳବଳେ ଛଦ୍ମ ବେଶରେ ଭୁବନେଶ୍ୱରର ଏକ ବସ୍ତିରେ ଚଢାଉ କରି ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ୫ ଅଭିଯୁକ୍ତଙ୍କୁ ଉଠାଇ ଆଣିଛି। ସେମାନେ ହେଲେ ବନ୍ଥପଲ୍ଲୀ ଗାଁର ଜୟସେନ ସ୍ୱାଇଁ, ମିଥୁନ ସ୍ୱାଇଁ ଏବଂ ମହୁଡ଼ା ଚାଞ୍ଚଡାପଲ୍ଲୀ ଗାଁର କୃଷ୍ଣଚନ୍ଦ୍ର ସ୍ୱାଇଁ ଓରଫ କଟକୀ, ହେମନ୍ତ ସ୍ୱାଇଁ, ଓ ରାଜେନ୍ଦ୍ର ଗୌଡ। ଅଭିଯୁକ୍ତମାନଙ୍କୁ ପୋଲିସ କୌଣସି ଅଜ୍ଞାତ ସ୍ଥାନରେ ଅଟକ ରଖି ମାରାଥନ ଜେରା ଚଳାଇଛି। ବୁଧବାର ଅଭିଯୁକ୍ତମାନଙ୍କ ସୂଚନା ପ୍ରକାରେ ସେମାନଙ୍କ ଦ୍ୱାରା ବ୍ୟବହୃତ ଖଣ୍ଡା, କାତି ଆଦି ମାରଣାସ୍ତ୍ରକୁ ପୋଲିସ ଜବତ କରିଛି। ତଦନ୍ତକାରୀ ପୋଲିସ ଅଧିକାରୀ ତଥା ଆଇଆଇସିଙ୍କ ଉପସ୍ଥିତିରେ ଅଭିଯୁକ୍ତମାନେ ଘଟଣାର ଡେମୋ ଦେଖାଇଛନ୍ତି।

ଗତ ରବିବାର ସକାଳେ ଗାଁ ନିକଟ ସାପୁଆ ନାଳକୁ ଗାଧୋଇ ଯାଇଥିବା ପଞ୍ଚୁଙ୍କୁ ପୂର୍ବ ଯୋଜନା ପ୍ରକାରେ ଅଭିଯୁକ୍ତମାନେ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଗୁରୁବାର ଅଭିଯୁକ୍ତମାନଙ୍କୁ ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, କଟକ ମେଡିକାଲରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଥିବା ପଞ୍ଚୁଙ୍କ ସ୍ତ୍ରୀ ନଳିନୀ ଭୂୟାଁଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ.୫୮/୨୧ ରେ ମାମଲା ରୁଜୁ କରାଯାଇଥିଲା।

## ନୂଆଗଡ଼ରେ ଜବରଦଖଲ ଉଚ୍ଛେଦ

ନୂଆଗଡ଼,୧୭।୩

ଗଜପତି ଜିଲା ନୂଆଗଡ ବ୍ଲକ ନୂତନ ବସଷ୍ଟାଣ୍ଡ ହେଉଥିବା ଜାଗାରେ ବେଆଇନ୍ ଭାବେ ରହୁଥିବା ଅଞ୍ଚଳବାସୀଙ୍କ ଘରକୁ ବୁଧବାର ପ୍ରଶାସନ ଭାଙ୍ଗି ଦେଇଛି। ନୂଆଗଡ ଅଞ୍ଚଳର ୨୦ ପରିବାର ବହୁ ବର୍ଷ ଧରି ସରକାରୀ ଜାଗାରେ ବାସ କରୁଥିଲେ। ଏହି ଜାଗାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସେମାନଙ୍କୁ ଘର ଖାଲି କରିବାକୁ ନୋଟିସ୍ ଦିଆଯାଇଥିଲା। ହେଲେ ଅଞ୍ଚଳବାସୀ ଘର ଖାଲି କରିନଥିଲେ। ଏଥିପାଇଁ ଏକ ପ୍ଲାଟୁନ ପୋଲିସ ଉପସ୍ଥିତିରେ ଏସ୍‌ଡିପିଓ ରାମକୃଷ୍ଣ ପତି, ବିଡିଓ ଲବନ୍ୟବୁ ମହାନ୍ତି, ତହସିଲଦାର ପ୍ରଫୁଲ କୁମାର କଜୁର ଏବଂ ଆଇଆଇସି ଦାୟିତ୍ୱରେ ଥିବା ସୌରୁପ କିଷାନଙ୍କ ଉପସ୍ଥିତିରେ ଡ୍ରୋଜର ମାଧ୍ୟମରେ ଘର ଗୁଡିକ ଭଙ୍ଗାଯାଇଥିଲା। ସେଥିମଧ୍ୟରୁ ଏହି ସ୍ଥାନରେ ବିଜୁ ପକ୍କା ଘର ନିର୍ମାଣ ହୋଇଛି। କିନ୍ତୁ ସେହି ଜାଗାକୁ କିପରି ବିଜୁ ପକ୍କାଘର କରାଗଲା ବୋଲି ବିଭାଗର କର୍ମଚାରୀଗଣଙ୍କୁ ଯାଞ୍ଚ ପାଇଁ ଅନୁମତି ଦିଆଯାଇଛି। ଏଠାରେ ରହୁଥିବା ୨୦ ପରିବାରରୁ ୧୪ ପରିବାରକୁ ନୂତନ ଜାଗାରୁ ସ୍ଥାନାନ୍ତର କରିଦିଆଯାଇଛି।


ଜବରଦଖଲ ଉଚ୍ଛେଦ କରାଯାଉଛି।